ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 1104/23-01-2021**

# ପ୍ରେସ୍ ବିବୃତି

**ଭୁବନେଶ୍ୱର :୨୩ ଜାନୁଆରୀ,୨୦୨୧**

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଓଡ଼ିଶାର ବରପୁତ୍ର, ମହାନ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ତାଙ୍କ ଦୃଢ଼ ଆତ୍ମବିଶ୍ୱାସ, ଅନନ୍ୟ ବିଚାରଧାରା ଓ ଦେଶ ପ୍ରତି ସମର୍ପଣ ଭାବ ସର୍ବଦା ପ୍ରେରଣାଦାୟୀ ରହିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଆଦିବାସୀ ତଥା ସାଧାରଣ ଜନତାଙ୍କ ସ୍ୱାର୍ଥରକ୍ଷା ପାଇଁ ସମ୍ବଲପୁରରେ ବ୍ରିଟିଶ ବିରୋଧୀ ସଶସ୍ତ୍ର ସଂଗ୍ରାମରେ ତାଙ୍କ ପରାକ୍ରମ ଏବଂ ବଳିଦାନ ସର୍ବଦା ସ୍ମରଣୀୟ ରହିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଆଜି କଟକ ନେତାଜୀ ବସ୍ ଟର୍ମିନାଲ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅତ୍ୟାଧୁନିକ ଟର୍ମିନାଲ ଐତିହ୍ୟ ସହରରେ ଗହଳି କମାଇବାରେ ସାହାଯ୍ୟ କରିବା ସହ ଅନ୍ୟମାନଙ୍କ ପାଇଁ ମଡେଲ୍ ଭାବେ ଉଭା ହେବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

    - ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୧୧ ହଜାର ବର୍ଗମିଟର ପରିମିତ ଅଞ୍ଚଳ ଉପରେ ନିର୍ମିତ ହେବାକୁ ଥିବା ଏହି ବସ ଟର୍ମିନାଲ୍‌ରେ ୧୮୦ଟି ବସ୍ ବେ ଏବଂ ୨୭୫ଟି କାର ପାଇଁ ପାର୍କିଂ ସ୍ଥାନ ରହିବ । ଯାତ୍ରୀମାନଙ୍କ ପାଇଁ ଆବଶ୍ୟକ ସୁବିଧା ଏବଂ ଉନ୍ନତ ମାନର ନକ୍ସା ସହିତ ଏହି ଟର୍ମିନାଲ ରୌପ୍ୟ ନଗରୀରେ ସୌନ୍ଦର୍ଯ୍ୟ ବୃଦ୍ଧି କରିବ ବୋଲି ସେ ପ୍ରକାଶ କରିଛନ୍ତି ।

    - ମାନ୍ୟବର ମୁଖ୍ୟମନ୍ତ୍ରୀ ମହାନ ଦେଶପ୍ରେମୀ ନେତାଜୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନପୂର୍ବକ କହିଛନ୍ତି ଯେ ନେତାଜୀ କଟକରେ ଜନ୍ମ ହେବା ସହ ଶୈଶବ ଅତିବାହିତ କରିଥିଲେ । ସେ ନିଃସ୍ୱାର୍ଥପର ସେବା ଏବଂ ସଂଗ୍ରାମର ଶିକ୍ଷା ଏହି ମାଟିରୁ ପାଇଥିଲେ ବୋଲି ଉଲ୍ଲେଖ କରି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନେତାଜୀଙ୍କୁ ଯଥୋଚିତ ସମ୍ମାନ ଦେବା ଉଦ୍ଦେଶ୍ୟରେ ରାଜ୍ୟରେ ବର୍ଷବ୍ୟାପୀ ତାଙ୍କର ୧୨୫ତମ ଜୟନ୍ତୀ ମହାଡ଼ମ୍ବରରେ ପାଳନ କରାଯିବ ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଉପଯୁକ୍ତ ବ୍ୟବସ୍ଥା କାରଣରୁ କୋଭିଡ୍-୧୯ ଟୀକାକରଣ କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ଧାର୍ଯ୍ୟ ଲକ୍ଷ୍ୟର ୮୩ ପ୍ରତିଶତ ହିତାଧିକାରୀଙ୍କୁ ଟୀକାଦାନ କରି ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଭାବରେ ଉଭା ହୋଇପାରିଛି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟ ରପ୍ତାନୀ ସମ୍ମାନ ଉତ୍ସବ-୨୦୨୧କୁ ଉଦ୍‌ଘାଟନ କରି କହିଛନ୍ତି ଯେ ପ୍ରଭାବଶାଳୀ ଇଜ୍ ଅଫ୍ ଡୁଇଂ ବିଜିନେସ୍, ୫-'ଟି' ସୂତ୍ର ରୂପାୟନ, ଭିତ୍ତିଭୂମି ସହାୟତା ଏବଂ ଗୁଣାତ୍ମକ ମାନକ ନିର୍ଦ୍ଧାରଣ ମାଧ୍ୟମରେ ରପ୍ତାନୀ ନିମନ୍ତେ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିବା ପାଇଁ ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ନିତି ଆୟୋଗର ରପ୍ତାନୀ ପ୍ରସ୍ତୁତି ସୂଚକାଙ୍କ ୨୦୨୦ରେ ଓଡ଼ିଶା ପ୍ରମୁଖ ୫ଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି ବୋଲି ଉଲ୍ଲେଖ କରି କହିଛନ୍ତି ଯେ ରପ୍ତାନୀକୁ ପ୍ରୋତ୍ସାହନ ଉଦ୍ୟମ ଯୋଗୁଁ କ୍ରମାଗତ ଭାବେ ରପ୍ତାନୀ କାରବାର ବୃଦ୍ଧି ପାଉଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ବିଗତ ବର୍ଷ ରପ୍ତାନୀ କାରବାରରେ ୫୫ ପ୍ରତିଶତ ଅଭିବୃଦ୍ଧି ପରିଲକ୍ଷିତ ହୋଇଥିବାରୁ ରପ୍ତାନୀକାରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବହୁ ସ୍ଥାନୀୟ ଏମ୍ଏସ୍ଏମ୍ଇ ଉତ୍ପାଦଗୁଡ଼ିକର ବିଶ୍ୱବଜାରରେ ପ୍ରତିଯୋଗିତା କରିବାର ସାମର୍ଥ୍ୟ ରହିଛି ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ୟୁରୋପ ଓ ଆମେରିକାରେ ବିକ୍ରୟ ହେବାର ସମୟ ଆଉ ବେଶୀ ଦୂର ନୁହେଁ । ମାନ୍ୟବର ମୁଖ୍ୟମନ୍ତ୍ରୀ ପୁରସ୍କୃତ ବ୍ୟକ୍ତିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ମିଳିତ ଭାବେ ଆମେ ଓଡ଼ିଶାକୁ ଦେଶର ଏକ ଅନ୍ୟତମ ରପ୍ତାନୀ ହବ୍‌ରେ ପରିଣତ କରିପାରିବା ବୋଲି ଉଲ୍ଲେଖ କରିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଆଜି ଇଣ୍ଡିଆନ୍ ଏକାଡେମୀ ଅଫ୍ ଫୋରେନ୍‌ସିକ୍ ମେଡିସିନ୍‌ର ବାର୍ଷିକ ଜାତୀୟ ସମ୍ମିଳନୀ ୨୦୨୧ ଉଦ୍‌ଘାଟନ କରିଛନ୍ତି ଓ କହିଛନ୍ତି ଯେ ଫୋରେନ୍‌ସିକ୍ ମେଡିସିନ୍ କ୍ଷେତ୍ରରେ ବିଭିନ୍ନ ପ୍ରସଙ୍ଗର ଆଲୋଚନା ଫଳରେ ନୂତନ କୌଶଳ, ବିକଶିତ ଜ୍ଞାନ ଓ ନୂତନ ଉପାୟଗୁଡ଼ିକ ଉପରେ ଆଲୋକାୟନ ସମ୍ଭବ ହେବ । ଏହି ସମ୍ମିଳନୀ ଫୋରେନ୍‌ସିକ୍ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କର ଜ୍ଞାନବୃଦ୍ଧି କରିବ ବୋଲି ସେ କହିଛନ୍ତି । ସେ ପୁଣି କହିଛନ୍ତି ଯେ ଫୋରେନ୍‌ସିକ୍ ବିଜ୍ଞାନରେ ଅତ୍ୟାଧୁନିକ ଜ୍ଞାନ ନ୍ୟାୟ ପ୍ରଦାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ସୀମାନ୍ତରିତ କିନ୍ନର ଗୋଷ୍ଠୀଙ୍କ ଜୀବିକାର୍ଜନ ନିମନ୍ତେ ସହଯୋଗର ବ୍ୟବସ୍ଥା କରାଯାଇଥିବାରୁ ନିଗମକୁ ପ୍ରଶଂସା କରିଛନ୍ତି । ପାର୍କିଂ ଅଞ୍ଚଳଗୁଡ଼ିକର ପରିଚାଳନା ନିମନ୍ତେ ନିୟୋଜନ ସେମାନଙ୍କୁ ମର୍ଯ୍ୟାଦାଜନକ ଜୀବନ ବଞ୍ଚିବାରେ ସାହାଯ୍ୟ କରିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି ।

'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୭୫,୨୫,୭୦୩ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୪,୧୫୦ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୩୦,୭୫୭ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୦୪ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୧,୪୩୬ ରହିଛି ।
- ୧,୪୩୬ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**